# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVI | YEAR OF OUR LORD JESUS CHRIST, 2024 JULY | No.05



### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୯୨:୧-୧୦)

୧ ସଦାପ୍ରଭୁଙ୍କ ଧନ୍ୟବାଦ କରିବାର ଉତ୍ତମ, ହେ
ସର୍ବୋପରିସ୍ଥ, ତୁମ୍ଭ ନାମରେ ପ୍ରଶଂସା ଗାନ କରିବାର,
୨ ପୁଣି ଦଶତାର-ଯନ୍ତ୍ର ଓ ନେବଲରେ, ବୀଣାର ଗମ୍ଭୀର
ଧ୍ୱନିରେ,
୩ ପ୍ରାତଃକାଳରେ ତୁମ୍ଭ ସ୍ନେହପୂର୍ଣ୍ଣ କରୁଣା ଓ ପ୍ରତି ରାତ୍ରି
ତୁମ୍ଭ ବିଶ୍ୱସ୍ତତା ପ୍ରଚାର କରିବାର ଉତ୍ତମ ।
୪ ଯେହେତୁ ହେ ସଦାପ୍ରଭୋ, ତୁମ୍ଭେ ନିଜ କର୍ମରେ
ମୋତେ ଆନନ୍ଦିତ କରିଅଛ; ମୁଁ ତୁମ୍ଭର ହସ୍ତକୃତ
କର୍ମରେ ଜୟଧ୍ୱନି କରିବି ।
୫ ହେ ସଦାପ୍ରଭୋ, ତୁମ୍ଭର କର୍ମସବୁ କିପରି ମହତ !
ତୁମ୍ଭର ସଂକଳ୍ପସବୁ ଅତି ଗଭୀର ।
୬ ପଶୁବତ୍ ଲୋକ ଜାଣେ ନାହିଁ; କିଅବା ନିର୍ବୋଧ
ଲୋକ ଏହା ବୁଝେ ନାହିଁ;
୭ ଯେତେବେଳେ ଦୁଷ୍ଟଗଣ ତୃଣ ପରି ଅଙ୍କୁରିତ ଓ
ଅଧର୍ମାଚାରୀମାନେ ପ୍ରଫୁଲ୍ଲ ହୁଅନ୍ତି, ସେତେବେଳେ
ସେମାନଙ୍କ ନିତ୍ୟସ୍ଥାୟୀ ବିନାଶ ନିମନ୍ତେ ସେପରି
ହୁଏ ।
୮ ମାତ୍ର ହେ ସଦାପ୍ରଭୋ, ତୁମ୍ଭେ ଅନନ୍ତକାଳ ଊର୍ଦ୍ଧ୍ୱବାସୀ ।
୯ କାରଣ ହେ ସଦାପ୍ରଭୋ, ଦେଖ, ତୁମ୍ଭ ଶତ୍ରୁଗଣ,
ଦେଖ, ତୁମ୍ଭର ଶତ୍ରୁଗଣ ବିନଷ୍ଟ ହେବେ; ଅଧର୍ମାଚାରୀ
ସମସ୍ତେ ଛିନ୍ନଭିନ୍ନ ହେବେ ।
୧୦ ମାତ୍ର ତୁମ୍ଭେ ଅରଣାର ଶୃଙ୍ଗ ପରି ମୋହର ଶୃଙ୍ଗ
ଉନ୍ନତ କରିଅଛ; ମୁଁ ନୂତନ ତୈଳରେ ଅଭିଷିକ୍ତ
ହୋଇଅଛି ।



# ଆପଣଙ୍କ ଅଭିଷେକକୁ ସୁରକ୍ଷା ଦିଅନ୍ତୁ
## PROTECT YOUR ANOINTING!

ସମ୍ମାନୀୟା, ମୁଖ୍ୟ ସଂପାଦିକା, ରେଭ୍. ଆଞ୍ଜେଲିନା ସେଲ୍‌ଭାକୁମାରୀ



ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ସମଗ୍ର ପୃଥିବୀର **"ଆହ୍ୱାନର ପ୍ରତିଧ୍ୱନି"**ର ସେହି ସମସ୍ତ ସଦସ୍ୟମାନଙ୍କୁ ଅଭିବାଦନ ଯେଉଁମାନେ ପ୍ରତିମାସ ୧୬ଟି ଭାଷାରେ ପ୍ରକାଶିତ ହେଉଥିବା ଏହି ପତ୍ରିକାକୁ ବିଶ୍ୱସ୍ତଭାବେ ପାଠ କରନ୍ତି । **"... ଯେ ବର୍ତ୍ତମାନ, ଭୂତ ଓ ଭବିଷ୍ୟତ୍, ତାହାଙ୍କଠାରୁ ... ଅନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କ ପ୍ରତି ହେଉ"** (ପ୍ରକାଶିତ ୧:୪) ।

ଏହି ପଦଟି ପ୍ରତ୍ୟେକ ପରିସ୍ଥିତିରେ ମୋତେ ମହା ଭରସା ପ୍ରଦାନ କରେ କାରଣ ମୁଁ ଏହା ଜାଣେ ଯେ ମୋର ଏପରି ଜଣେ ଈଶ୍ୱର ଅଛନ୍ତି ଯିଏ ମୋର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ ବୁଝନ୍ତି ଓ ଜଣେ ବନ୍ଧୁ ଓ ସାଥୀ ପରି ମୋର ପାଖେ ପାଖେ ଚାଲନ୍ତି । ଏହି ଭରସା ସହିତ ମୁଁ ଆଭ୍ୟନ୍ତରୀଣ ଶାନ୍ତି ଓ ମୋ' ନିମନ୍ତେ ଥିବା ଈଶ୍ୱରଙ୍କ ଯୋଜନା ଓ ଉଦ୍ଦେଶ୍ୟରେ ପ୍ରତ୍ୟୟର ସହିତ ଆସନ୍ତା କାଲି ଅନିଶ୍ଚିତତାର ସମ୍ମୁଖୀନ ହୋଇ ପାରିବି । କାରଣ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)



ଆହ୍ୱାନର ପ୍ରତିଧ୍ୱନିର

ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

# ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS

## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...





**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

**HON. EDITOR-IN-CHIEF**
Rev. Angeline S. Kumari, M.A., M.Sc., M.Ed.
**HON. MANAGING EDITOR**
Pastor Alex Samson Sam, B.Th., M.Div.
**GENERAL MANAGER**
Bro. N. Prakasam, M.A., M.Sc.(C&P), PGDHRM., MBA.
**ADMINISTRATION**
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
**EDITORIAL BOARD**
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Sis. L. Mariya Anjalin, M.A., M.Sc., B.Ed.
Rev. Dr. K.R. Rajasekaran
**EDITOR, PUBLISHER & PRINTER**
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858
**E.MAIL**
sam@echoofhiscall.org
biblecor@yahoo.co.in
**WEBSITES**
www.echoofhiscall.org
www.stpaulsmatriculation.com
**YOUTUBE CHANNEL**
Echo of His Call

> ସଦାପ୍ରଭୁ ଏହି କଥା କହନ୍ତି, "... ଆମ୍ଭେ ତାହାର ସକଳ ବାସସ୍ଥାନ ପ୍ରତି ଦୟା କରିବା" (ଯିଶାଇୟ ୩୦:୧୮) ।

### ପ୍ରଭୁରେ ପ୍ରିୟ ବନ୍ଧୁଗଣ,

*ଆମେ ଆମ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ଅତୁଳନୀୟ ନାମରେ ଆପଣମାନଙ୍କୁ ପ୍ରେମଭରା ଅଭିବାଦନ ଜଣାଉଅଛୁ ।*

*ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ଆମେ ୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ଆମର* ***ସେଣ୍ଟ ପଲ୍ସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ ନିହିମିୟା ବାଇବଲ କଲେଜକୁ*** *ପୁନର୍ବାର ଖୋଲି ପାରିଛୁ । ଦୟାକରି ଆପଣମାନଙ୍କ ପ୍ରାର୍ଥନାରେ ଏହି ଅନୁଷ୍ଠାନଗୁଡ଼ିକୁ ସହାୟତା ପ୍ରଦାନ କରନ୍ତୁ ।*

*ଯେଉଁମାନେ ଭବିଷ୍ୟତ୍‌ରେ ସ୍ୱାଧୀନଭାବେ ପ୍ରଭୁଙ୍କର ସେବା କରିବାକୁ ଇଚ୍ଛା କରନ୍ତି, ସେମାନେ ଧର୍ମତତ୍ତ୍ୱରେ କୌଣସି ପାଠ୍ୟକ୍ରମର ପ୍ରମାଣ ପତ୍ର ରଖିବା ଆବଶ୍ୟକ ଓ ସେମାନେ ଗୋଟିଏ ଉପଯୁକ୍ତ ଅନୁଷ୍ଠାନ ସହିତ ସଂଯୁକ୍ତ ହେବା ଆବଶ୍ୟକ । ଏହି ବିଷୟରେ ଆମର* ***ନିହିମିୟା ବାଇବଲ କଲେଜ*** *ଆପଣମାନଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛି । ସଂଧ୍ୟା ସମୟରେ ତାମିଲ ଭାଷାରେ ପାଠପଢ଼ା ସଂପାଦିତ ହୁଏ । ଆମେ ସେହିମାନଙ୍କୁ ଆବାସିକ ସୁବିଧା ମଧ ଯୋଗାଇ ଦେଉ ଯେଉଁମାନେ ହିନ୍ଦୀ ଭାଷାରେ ଅଧ୍ୟୟନ କରିବାକୁ ଇଚ୍ଛା କରନ୍ତି । ଯେଉଁମାନେ ଏହି ବିଷୟରେ ଅଧିକ ଜାଣିବାକୁ ଚାହାଁନ୍ତି, ସେମାନେ ଆମ ସହିତ ଯୋଗାଯୋଗ କରିପାରନ୍ତି ।*

*ଯେଉଁ ଛାତ୍ରମାନେ ଆମର* ***ନିହିମିୟା ବାଇବଲ କଲେଜରୁ*** *ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ସେବାକାର୍ଯ୍ୟରେ ଅଛନ୍ତି, ସେମାନଙ୍କ ନିମନ୍ତେ ଏକ ପୁରାତନ ଛାତ୍ର ସହଭାଗିତା ରହିଛି ଓ* ***ନିହିମିୟା ବାଇବଲ କଲେଜର*** *ପୁରାତନ ଛାତ୍ରମାନଙ୍କର ଏକ ସଭା ୧୩/୦୫/୨୦୨୪ରେ ଅନୁଷ୍ଠିତ ହୋଇଥିଲା । ୨୦୨୩-୨୪ ସଂଧ୍ୟା ୫ଟାରେ ଅନୁଷ୍ଠିତ ହୋଇଥିଲା । ୩୮ ଜଣ ଛାତ୍ର ଏହି ବର୍ଷ ଉତ୍ତୀର୍ଣ୍ଣ ହୋଇ ସେମାନଙ୍କ ସେବାକାର୍ଯ୍ୟ ନିମନ୍ତେ ବିଭିନ୍ନ ମିଶନ କେନ୍ଦ୍ରଗୁଡ଼ିକୁ ଯାଇଛନ୍ତି ।*



**ନିହିମିୟା ବାଇବଲ କଲେଜର ପୁରାତନ ସଦସ୍ୟ**



**୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ ଉପାଧି ପ୍ରଦାନ ସଭା**

*ଆମେ ତାମିଲ ଓ ହିନ୍ଦୀରେ ଅଧ୍ୟୟନ କରିବା ପାଇଁ **ନିହିମିୟା ବାଇବଲ କଲେଜ** ନିମନ୍ତେ ଅଧିକ ଛାତ୍ରଛାତ୍ରୀ ଆବଶ୍ୟକ କରୁଅଛୁ । ଦୟାକରି ଆମକୁ ସାହାଯ୍ୟ କରନ୍ତୁ ଓ ଈଶ୍ୱରଙ୍କ ସେବା ନିମନ୍ତେ ଆଗ୍ରହୀ ଛାତ୍ରମାନଙ୍କ ସହିତ ଆମର ପରିଚୟ କରାନ୍ତୁ ।*

*ଆମର ସମସ୍ତ ସେବାକାର୍ଯ୍ୟକୁ ଏକ ସ୍ୱତନ୍ତ୍ର ମାର୍ଗରେ ବିକଶିତ ଓ ପରିଚାଳନା କରିବା ପାଇଁ, ଆମେ ଆବଶ୍ୟକ କରୁଅଛୁ – ପତ୍ରିକା ଡିଜାଇନର୍, ପତ୍ରିକାରେ ପ୍ରବନ୍ଧଗୁଡ଼ିକୁ ଅନୁବାଦ କରିବା ପାଇଁ ଅନୁବାଦକ, ଆମର ଛାପାକଳରେ କାର୍ଯ୍ୟ କରିବା ପାଇଁ ସହକର୍ମୀ, ଛାପାକଳରେ ଟେକ୍ନିସିଆନ୍, ଡ୍ରାଇଭର, ୱାଚ୍‌ମ୍ୟାନ୍, କମ୍ପ୍ୟୁଟର ଟାଇପିଷ୍ଟ, ଡିଟିପି ଅପରେଟର, ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ଦେବା ପାଇଁ ଶିକ୍ଷକ, ମଣ୍ଡଳୀ ଗୁଡ଼ିକରେ ଅନୁବାଦକ, ମିଶନେରୀ, ସଂପୂର୍ଣ୍ଣ ସମୟ ସହକାରୀ ପାଳକ, ଇତ୍ୟାଦି । ଆମେ ସମସ୍ତ କ୍ଷେତ୍ରରେ ଆମ ସହିତ ମିଶି ସେବାକାର୍ଯ୍ୟ କରିବା ପାଇଁ ପୁରୁଷ ଓ ମହିଳାମାନଙ୍କୁ ଆବଶ୍ୟକ କରୁଅଛୁ । ଆମେ ଏହି ଲୋକମାନଙ୍କ ନିକଟରେ ବାସ୍ତବ ଦର୍ଶନ ଓ ସାଧୁତା ଆଶା କରୁଅଛୁ । ଆମର ସେବାକାର୍ଯ୍ୟ ବୃଦ୍ଧି ପାଉଅଛି । ମାତ୍ର ଆମକୁ ସାହାଯ୍ୟ କରିବା ପାଇଁ ଆମେ ଉପଯୁକ୍ତ ଲୋକ ଖୋଜି ପାଉ ନାହୁଁ । ଦୟାକରି ଆମକୁ ସାହାଯ୍ୟ କରିବା ପାଇଁ ଆପଣମାନଙ୍କ ସାଧ୍ୟମତେ କାର୍ଯ୍ୟ କରନ୍ତୁ ।*

*ଏହି ଆଧୁନିକ ସମୟରେ, ମୁଦ୍ରିତ ପତ୍ରିକା ଓ ପୁସ୍ତକ ପଢୁଥିବା ଲୋକମାନଙ୍କର ସଂଖ୍ୟା ହ୍ରାସ ପାଉଅଛି । ସମସ୍ତେ ଅନ୍-ଲାଇନ୍ ପାଠକୁ ପସନ୍ଦ କରୁଛନ୍ତି । ବିଗତ ୪୦ ରୁ ୫୦ ବର୍ଷ ଧରି ଆମର **"ଆହ୍ୱାନର ପ୍ରତିଧ୍ୱନି"** ପତ୍ରିକା ପାଠ କରି ଆସୁଥିବା ଅନେକ ଲୋକ ବୃଦ୍ଧାବସ୍ଥାରେ ପହଞ୍ଚିଛନ୍ତି । କେତେଜଣ ପୃଥିବୀରୁ ବିଦାୟ ନେଇଛନ୍ତି ଓ ଆଉ କେତେ ଜଣ ବୃଦ୍ଧାଶ୍ରମରେ ଅଛନ୍ତି । ପୂର୍ବେ, ସେମାନେ ଆମ ସେବାକାର୍ଯ୍ୟ ପାଇଁ ପ୍ରାର୍ଥନା କରୁଥିଲେ ଓ ଅର୍ଥ ସହାୟତା ପ୍ରଦାନ କରୁଥିଲେ । ସେଥିପାଇଁ ଆମ ପତ୍ରିକାର ପାଠକମାନଙ୍କ ସଂଖ୍ୟା କ୍ରମେ ହ୍ରାସ ପାଇବାରେ ଲାଗିଛି । ଦୟାକରି ଆପଣଙ୍କ ପରିବାରର ସଦସ୍ୟମାନଙ୍କର ଠିକଣା ଓ ଇ-ମେଲ ଆମ ନିକଟକୁ ପ୍ରେରଣ କରି ଆମକୁ ସାହାଯ୍ୟ କରନ୍ତୁ । ଆମେ ମାଗଣାରେ ସେମାନଙ୍କ ନିକଟକୁ ପତ୍ରିକା ପ୍ରେରଣ କରିପାରିବୁ । ଆମେ ଆପଣମାନଙ୍କ ନିମନ୍ତେ ପ୍ରାର୍ଥନା କରୁଅଛୁ ।*

*ଆମେ ଆମ ଅନୁରୋଧ ଗୁଡ଼ିକର ଉତ୍ସାହଦାୟୀ ଉତ୍ତରର ଅପେକ୍ଷା କରୁଅଛୁ । ଆମ ପ୍ରଭୁଙ୍କର ଅନୁଗ୍ରହ ଆପଣମାନଙ୍କର ସହବର୍ତ୍ତୀ ହେଉ ।*

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

ପାଳକ ଆଲେକ୍ସ ସାମ୍‌ସନ୍ ସାମ୍

ପାଳକ ଏସ୍.ସାମ୍.ସେଲ୍‌ଭାରାଜ

(+91) 98412 71858 / 98410 71858,

E.mail : sam@echoofhiscall.org

## ଦୟାକରି ଧ୍ୟାନ ଦିଅନ୍ତୁ : ଆହ୍ୱାନର ପ୍ରତିଧ୍ୱନିର ପାଠକଗଣ

ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ବାର୍ତ୍ତା ପ୍ରତିଦିନ ଭୋର ୨ଟାରେ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସାରିତ ହେଉଅଛି । ଆପଣମାନେ ବାର୍ତ୍ତାଗୁଡ଼ିକୁ ଶୁଣିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ପାଇପାରିବେ । ଅଧିକନ୍ତୁ, ଆପଣମାନଙ୍କ ମୋବାଇଲ୍ ଫୋନ୍‌ରେ ମୋର ମୋବାଇଲ ନମ୍ବ (+୯୧) ୯୮୪୧୦୭୧୮୫୮, (+୯୧) ୯୮୪୧୨୭୧୮୫୮ (ବ୍ୟକ୍ତିଗତ) ସଂରକ୍ଷିତ ରଖନ୍ତୁ ।

**ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍**

*....Contd. from page 1*

ଲେଖା ଯାଇଛି, **"ଯେ ସମସ୍ତ ସତ୍‌କାର୍ଯ୍ୟ ଆମ୍ଭେମାନେ କରିବୁ ବୋଲି ଈଶ୍ୱର ପୂର୍ବରୁ ଆୟୋଜନ କରିଥିଲେ, ଆମ୍ଭେମାନେ ସେହି ସବୁ ସାଧନ କରିବା ନିମନ୍ତେ ଖ୍ରୀଷ୍ଟ ଯୀଶୁଙ୍କଠାରେ ସୃଷ୍ଟ"** (ଏଫିସୀୟ ୨:୧୦) ।

ଈଶ୍ୱର ଆମକୁ କେତେ ସୂକ୍ଷ୍ମ ଭାବରେ ନିର୍ମାଣ କରିଛନ୍ତି, ଏହା ଉପରେ ଚିନ୍ତା କରି ମୁଁ ଉପଲବ୍ଧି କରିଥିଲେ ଯେ ଆମର ଅସ୍ତିତ୍ୱ ଆକସ୍ମିକ ନ ଥିଲା, ମାତ୍ର ଏକ ସ୍ୱର୍ଗୀୟ ଯୋଜନାର ଅଂଶ ବିଶେଷ ଥିଲା । ଯଦିଓ ଜଣେ ଏହା ବିଶ୍ୱାସ କରିପାରେ ଯେ ସେ ତା'ର ପାର୍ଥିବ ପିତାମାତାଙ୍କ ଦ୍ୱାରା ଅନାବଶ୍ୟକ କିମ୍ବା ଅନପେକ୍ଷିତ ଥିଲା, ତଥାପି ଈଶ୍ୱର ପ୍ରତ୍ୟେକ ବ୍ୟକ୍ତିକୁ ଅତି ଯତ୍ନର ସହିତ ନିର୍ମାଣ କରିଛନ୍ତି, ଯେପରି ଗୀତସଂହିତା ୧୩୯:୧୩ରେ ଲେଖାଯାଇଛି, **"ତୁମ୍ଭେ ମୋହର ମର୍ମର କର୍ତ୍ତା, ତୁମ୍ଭେ ମୋତେ ମାତୃଗର୍ଭରେ ଆଚ୍ଛାଦନ କରିଅଛ ।"** ସେଥିପାଇଁ, ଆମେ ଯେଉଁ ଉଦ୍ଦେଶ୍ୟରେ ସୃଷ୍ଟ ହୋଇଥିଲୁ, ସେହି ଉଦ୍ଦେଶ୍ୟକୁ ଖୋଜିବା ଓ ଆମ ବିଶ୍ୱାସର ଆଦିକର୍ତ୍ତା ଓ ସିଦ୍ଧିଦାତାଙ୍କ ଚାଳନା ସହିତ ତାକୁ ସଫଳ କରିବା ଆମର ଦାୟିତ୍ୱ ଅଟେ ।

ଈଶ୍ୱର ଆମର ଯୋଗ୍ୟତା ଉପରେ ନୁହେଁ, ମାତ୍ର ତାଙ୍କ ଚରିତ୍ର ଉପରେ ଆଧାର କରି ଆମକୁ ତାଙ୍କର ଆହ୍ୱାନ ଓ ଅନୁଗ୍ରହ ଦାନ ଦେଇଛନ୍ତି । ତଥାପି, ଆମେ ଅଦୂରଦର୍ଶୀଭାବରେ ଏହି ପଥରୁ ବିଚ୍ୟୁତ ହେବା ସହଜ ଅଟେ ଓ ଶେଷରେ, ଆମେ ଆମ ଉଦ୍ଦିଷ୍ଟ ପଥରୁ ବହୁ ଦୂରରେ ନିଜ ନିଜକୁ ଆବିଷ୍କାର କରୁ । ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ ପବିତ୍ର ଆତ୍ମା ଆମ ପ୍ରେମମୟ ତ୍ରାଣକର୍ତ୍ତାଙ୍କର ପଥ ମଧ୍ୟକୁ ଫେରାଇ ଆଣିବାରେ ଆମକୁ ଚାଳନା ଦେବା ପାଇଁ ସର୍ବଦା ଉପସ୍ଥିତ ଥାଆନ୍ତି ।

ଆସନ୍ତୁ, ଆମେ ଏପରି କେତେକ ସାଧାରଣ ପଦକ୍ଷେପ ପ୍ରତି ଦୃଷ୍ଟିପାତ କରିବା ଯେଉଁଗୁଡ଼ିକ ଏକ ଦୃଷ୍ଟାନ୍ତ ଭାବରେ ଇସ୍ରାଏଲର ପ୍ରଥମ ରାଜା ଶାଉଲଙ୍କ ଜୀବନକୁ ବ୍ୟବହାର କରି ଈଶ୍ୱରଙ୍କ ସ୍ୱର୍ଗୀୟ ଉଦ୍ଦେଶ୍ୟରୁ ଆମକୁ ପଥ ଭ୍ରଷ୍ଟ କରିପାରେ ।

### ଶାଉଲ : ଆରମ୍ଭ ନୁହେଁ, ମାତ୍ର ଶେଷ ଗୁରୁତ୍ୱପୂର୍ଣ୍ଣ ଅଟେ !

ଯେତେବେଳେ ଇସ୍ରାଏଲର ଲୋକମାନେ ସେମାନଙ୍କ ଶାସକ, ରାଜାମାନଙ୍କର ରାଜାଙ୍କୁ ଅଗ୍ରାହ୍ୟ କରି ଏକ ରାଜା ନିମନ୍ତେ ଅନୁରୋଧ କଲେ, ସେତେବେଳେ ଈଶ୍ୱର ସେହି ଅନୁରୋଧ ପୂରଣ କରିଥିଲେ । ବିନ୍ୟାମୀନ ଗୋଷ୍ଠୀର କୀଶ ନାମକ ଜଣେ ଧନୀ ଓ ମୁଖ୍ୟ ବ୍ୟକ୍ତିଙ୍କର ପୁତ୍ର ଶାଉଲଙ୍କୁ ପ୍ରଥମ ରାଜା ଭାବରେ ଅଭିଷିକ୍ତ କରାଯାଇଥିଲା । ଶାଉଲ ଜଣେ ରାଜା ପାଇଁ ଯୋଗ୍ୟ ସମସ୍ତ ପାର୍ଥିବ ଗୁଣର ଅଧିକାରୀ ଥିଲେ । ଧର୍ମଶାସ୍ତ୍ର ତାଙ୍କୁ ସେହି ଦେଶର ଅତି ଡେଙ୍ଗା ବ୍ୟକ୍ତି ଭାବରେ ବର୍ଣ୍ଣନା କରିଛି, ଯଥା – **"ସେ ସମସ୍ତ ଲୋକଙ୍କ ଅପେକ୍ଷା ସ୍କନ୍ଧରୁ ଉର୍ଦ୍ଧ୍ୱକୁ ଉଚ୍ଚ ଥିଲେ"** (୧ ଶାମୁୟେଲ ୯:୨) । ତେବେ, ଏହି ମନୋନୀତ, ଅଭିଷିକ୍ତ ଓ ପ୍ରତିଭାବାନ୍ ବ୍ୟକ୍ତିଙ୍କୁ କେଉଁ ବିଷୟ ଏକ ଦୁଃଖଦ ଅନ୍ତ ଦିଗକୁ କଢ଼ାଇ ନେଇଥିଲା ?

### ୧ମ ଭୁଲ ପଦକ୍ଷେପ

### ଗର୍ବ !

ଯେତେବେଳେ ଈଶ୍ୱର ଶାଉଲଙ୍କୁ ରାଜା ହେବା ପାଇଁ ଆହ୍ୱାନ କଲେ, ସେତେବେଳେ ଶାଉଲଙ୍କଠାରେ ବିଶ୍ୱାସର ଅଭାବ ଦେଖାଗଲା । ଏପରିକି ସେ କହିଥିଲେ, **"ମୁଁ କି ଇସ୍ରାଏଲ ବଂଶସମୂହ ମଧ୍ୟରେ କ୍ଷୁଦ୍ରତମ ବିନ୍ୟାମୀନ ବଂଶୀୟ ନୁହେଁ ? ଆଉ ବିନ୍ୟାମୀନ ବଂଶୀୟ ସମସ୍ତ ପରିବାର ମଧ୍ୟରେ ମୋର ପରିବାର କି କ୍ଷୁଦ୍ରତମ ନୁହେଁ ? ତେବେ ତୁମ୍ଭେ ମୋତେ ଏପ୍ରକାର କଥା କିହେତୁ କହୁଅଛ ?"** (୧ ଶାମୁୟେଲ ୯:୨୧) । **ଅଭିଷିକ୍ତ ହେବା ସତ୍ତ୍ୱେ, ସେ ଲଜ୍ଜାଶୀଳ ଥିଲେ ଓ ଲୁଚିବାକୁ ଚେଷ୍ଟା କରୁଥିଲେ** (୧ ଶାମୁ ୧୦:୨୨) । ଆମେ ଏହା ମନେରଖିବା ଆବଶ୍ୟକ ଯେ ଈଶ୍ୱର ଆମକୁ

ସେହି ସ୍ଥାନକୁ ଆହ୍ୱାନ କରିବେ ନାହିଁ ଯେଉଁଠାରେ ତାଙ୍କର ଅନୁଗ୍ରହ ଆମକୁ ଧରି ରଖି ପାରିବ ନାହିଁ । ଇସ୍ରାଏଲର ପ୍ରଥମ ରାଜା ହେବା ପାଇଁ ତାଙ୍କ ଅନୁଗ୍ରହ ଶାଉଲଙ୍କ ନିମନ୍ତେ ଯଥେଷ୍ଟ ଥିଲା । ତାଙ୍କର ଅତି ଦୟନୀୟ ଆରମ୍ଭ ସତ୍ତ୍ୱେ, ଈଶ୍ୱର ତାଙ୍କୁ ଆଶୀର୍ବାଦ କରିଥିଲେ । କିନ୍ତୁ, ସେ ସଫଳତାର ସ୍ୱାଦ ଚାଖି, ବିଜୟ ପରେ ବିଜୟ ପାଇବା ସମୟରେ ଯେଉଁ ଖ୍ୟାତି ଓ ପ୍ରଶଂସା ପାଇଲେ, ତାହା ଆମ ଅନେକଙ୍କ ସଦୃଶ ତାଙ୍କୁ ଅନ୍ଧ କରି ଦେଲା ।

୧ ଶାମୁୟେଲ ୧୫ରେ, ଆମେ ଏପରି ଏକ ପରିଚିତ ଅନୁଚ୍ଛେଦର ସମ୍ମୁଖୀନ ହେଉ ଯେଉଁଠାରେ ଈଶ୍ୱର ଅମାଲେକୀୟମାନଙ୍କୁ ସଂପୂର୍ଣ୍ଣ ଭାବରେ ବିନଷ୍ଟ କରିବା ପାଇଁ ଶାଉଲଙ୍କୁ ଆଦେଶ ଦେଇଥିଲେ, ଏପରିକି ସ୍ତ୍ରୀ ଓ ପିଲାମାନଙ୍କୁ ମଧ୍ୟ । ଆଧୁନିକ ଯୁଗର ଦୃଷ୍ଟିକୋଣରୁ, ଏହା ହୁଏତ ପାଶବିକ ମନେ ହୋଇପାରେ ଓ ଈଶ୍ୱରଙ୍କୁ ନିଷ୍ଠୁର ଓ ପ୍ରତିଶୋଧ ପରାୟଣ ଭାବରେ ଚିତ୍ରିତ କରିପାରେ । କିନ୍ତୁ, ଇସ୍ରାଏଲୀୟମାନଙ୍କ ଇତିହାସକୁ ବିଚାର କଲେ ଜଣାଯାଏ ଯେ ଅମାଲେକୀୟମାନେ କ୍ଳାନ୍ତ ଶ୍ରାନ୍ତ ଓ ଅସହାୟ ଇସ୍ରାଏଲୀୟମାନଙ୍କୁ ଅତ୍ୟାଚାର କରିଥିଲେ, ଆକ୍ରମଣ କରିଥିଲେ ଓ ସେମାନଙ୍କୁ ହତ୍ୟା କରିବାକୁ ଚେଷ୍ଟା କରିଥିଲେ ।

## ସାବଧାନ !

ବାଇବଲ ଯିଖରିୟ ୨:୮ରେ ବ୍ୟକ୍ତ କରିଛି, **''...ଯେଉଁ ଲୋକ ତୁମ୍ଭମାନଙ୍କୁ ସ୍ପର୍ଶ କରେ, ସେ ତାହାଙ୍କ ଚକ୍ଷୁର ପିତୁଳାକୁ ସ୍ପର୍ଶ କରେ ।''**

ଈଶ୍ୱର ଅମାଲେକୀୟମାନଙ୍କ ପ୍ରତି ଅସନ୍ତୁଷ୍ଟ ଥିଲେ କାରଣ ସେମାନେ ତାଙ୍କର ସେହି ଲୋକମାନଙ୍କୁ ଦୁର୍ବ୍ୟବହାର ଦେଖାଇଥିଲେ ଯେଉଁମାନଙ୍କୁ ସେ ତାଙ୍କର ସଞ୍ଚିତ ସଂପତ୍ତି ବୋଲି ବିଚାର କରୁଥିଲେ । ସେଥିପାଇଁ ସେ ସେମାନଙ୍କଠାରୁ ପ୍ରତିଶୋଧ ନେବାକୁ ଚାହୁଁଥିଲେ । ଏହା ମନେରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ଆମର ଏପରି ଜଣେ ଈଶ୍ୱର ଅଛନ୍ତି ଯିଏ ଆମ ପକ୍ଷରୁ ଯୁଦ୍ଧ କରନ୍ତି । କିନ୍ତୁ, ଶାଉଲଙ୍କ କାହାଣୀରେ, ଆମେ ଏକ ଭିନ୍ନ ପ୍ରତିକ୍ରିୟା ଦେଖୁ । ଯେତେବେଳେ ଶାମୁୟେଲ ତାଙ୍କ କାର୍ଯ୍ୟର ସଂଶୋଧନ କଲେ, ସେତେବେଳେ ସେ ସଙ୍ଗେ ସଙ୍ଗେ ଭୁଲ୍ ସ୍ୱୀକାର କରି ଅନୁତାପ କରିବା ଉଚିତ୍ ଥିଲା । ଏହା ପରିବର୍ତ୍ତେ, ସେ ଶାମୁୟେଲଙ୍କୁ କହିଥିଲେ, **''... ମୋହର ଲୋକମାନଙ୍କ ପ୍ରାଚୀନବର୍ଗ ଓ ଇସ୍ରାଏଲ ସମ୍ମୁଖରେ ମୋହର ଗୌରବ ରଖ ଓ ମୁଁ ଯେପରି ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ନିକଟରେ ପ୍ରଣାମ କରିବି, ଏଥିପାଇଁ ମୋ' ସଙ୍ଗେ ଫେରି ଆସ''** (୧ ଶାମୁୟେଲ ୧୫:୩୦) । **ଶାଉଲଙ୍କର ନମ୍ର ମନୋଭାବରୁ ଗର୍ବ ମନୋଭାବକୁ ପରିବର୍ତ୍ତନ ସେତେବେଳେ ସ୍ପଷ୍ଟ ହୋଇଛି ଯେତେବେଳେ ସେ ପ୍ରତିଷ୍ଠା ଅନ୍ୱେଷଣ କରିଥିଲେ ଓ ଏପରିକି ନିଜର ସମ୍ମାନ ନିମନ୍ତେ ଏକ ଜୟ ସ୍ତମ୍ଭ ନିର୍ମାଣ କରିଥିଲେ** (୧ ଶାମୁୟେଲ ୧୫:୧୨) ।

ସଫଳତା ଓ ବିଜୟ ଆମର ମନୋଦଶା ଓ ମନୋଭାବରେ ପ୍ରାୟ ପରିବର୍ତ୍ତନ ଆଣିପାରେ । ଜଣେ ନମ୍ର ବ୍ୟକ୍ତିରୁ ସମ୍ମାନ ଓ ପ୍ରତିଷ୍ଠା ଖୋଜୁଥିବା ଜଣେ ବ୍ୟକ୍ତିକୁ ଶାଉଲଙ୍କର ପରିବର୍ତ୍ତନ ଗର୍ବର ବିପଦଗୁଡ଼ିକୁ ଚିତ୍ରିତ କରିଛି ।

**''ଯେଉଁ ମୁହୂର୍ତ୍ତରେ ଗର୍ବ ଆସେ, ସେହି ମୁହୂର୍ତ୍ତରେ, ଈଶ୍ୱର ଆମ ଜୀବନରୁ ତାଙ୍କର ଉପସ୍ଥିତି କାଢ଼ି ନିଅନ୍ତି ଓ ଆମ ବିରୁଦ୍ଧରେ ସୁଦ୍ଧା ଠିଆ ହୁଅନ୍ତି''** (ଯିଶାଇୟ ୬୩:୧୦) । ଯାକୁବ ୪:୬ **''ଆମକୁ ସତର୍କ କରି ଦେଇଛି ଯେ ଈଶ୍ୱର ଅହଙ୍କାରୀମାନଙ୍କୁ ପ୍ରତିରୋଧ କରନ୍ତି ମାତ୍ର ନମ୍ର ଲୋକମାନଙ୍କୁ ଅନୁଗ୍ରହ ଦାନ କରନ୍ତି ।''** ଆମର ନିଜସ୍ୱ ବାକ୍ୟ ଓ କାର୍ଯ୍ୟ ଉପରେ ଚିନ୍ତା କରିବା ପାଇଁ ଏହା ଆମକୁ ସ୍ମରଣ କରାଇ ଦିଏ । କେତେଥର ଆମେ ଏହିପରି ବାକ୍ୟ ସହିତ ଆମ ନିଜର ମାଲିକାନା ଓ ଜ୍ଞାନକୁ ଉଚ୍ଚୀକୃତ କରୁ, ଯଥା ''ମୋର ଗୃହ'', ''ମୋର ଜୀବନ'', କିମ୍ବା ''ମୁଁ ସବୁଠାରୁ ଅଧିକ ଜାଣେ ?'' ଯଦିଓ ଆମେ ବାହ୍ୟ ଭାବରେ ନମ୍ରତା ଧାରଣ କରୁ, ତଥାପି ଆମର ପ୍ରକୃତ ସ୍ୱଭାବ ସେତେବେଳେ ପ୍ରକାଶ ପାଏ, ଯେତେବେଳେ ଆମ ସମ୍ମୁଖରେ ଗର୍ବ ଉପସ୍ଥିତ ହୁଏ । ଆମର ପ୍ରାଧାନ୍ୟକୁ ଦର୍ଶାଇବା ପାଇଁ ଆମେ ଅନପେକ୍ଷିତ ଭାବରେ ଏହିପରି ବାକ୍ୟ ବ୍ୟବହାର କରୁ, ଯଥା – ''ମୁଁ କିଏ, ତାହା ତୁମ୍ଭେ ଜାଣ କି ?'' କିମ୍ବା ''ତୁମେ ମୋ' ସହିତ କିପରି ଏହିପରି କଥାବାର୍ତ୍ତା କରିପାରୁଛ ?''

ଏହି ସତର୍କକାରୀ କାହାଣୀ, ବିଶେଷ ଭାବରେ, ଆମର ଅହଂ ପ୍ରତି ବିପଦର ଅନୁଭବ ଆସିବା ସମୟରେ ଗର୍ବରୂପକ ଗର୍ତ୍ତ ବିରୁଦ୍ଧରେ ଜାଗ୍ରତ ହେବା ପାଇଁ ସ୍ମରଣ କରାଇ ଦିଏ । ବ୍ୟକ୍ତି ବିଶେଷଙ୍କ ଦ୍ୱାରା କୁହାଯାଉ କିମ୍ବା ବିଶ୍ୱାସୀମାନଙ୍କର ମନରେ ପ୍ରତିଧ୍ୱନିତ ହେଉ, ''ମୁଁ କିଏ, ତାହା ତୁମେ ଜାଣିଛ କି ?'' ଏହି ବାକ୍ୟରୁ ନିବୃତ୍ତି ଗର୍ବର କୁଟିଳ ସ୍ୱଭାବ ବିରୁଦ୍ଧରେ ଏକ ସତର୍କବାଣୀ ଭାବରେ କାର୍ଯ୍ୟ କରିବା ଉଚିତ୍ ।

## ୨ୟ ଭୁଲ ପଦକ୍ଷେପ

## ଆତ୍ମ-ପ୍ରତାରଣା!

ଜଣେ ଆତ୍ମ-ପ୍ରତାରିତ ବ୍ୟକ୍ତି ଏପରି ଜଣେ ବ୍ୟକ୍ତି ଯିଏ :

୧. ତାହା ବିଶ୍ୱାସ କରନ୍ତି, ଯାହା ସେ ନୁହଁନ୍ତି ।

୨. ନିଜ ପାଖରେ ଯାହା ଥାଏ, ତା' ଅପେକ୍ଷା ଅଧିକ ଭାବେ ।

୩. ନିଜେ ଯାହା ଅଟନ୍ତି, ତା' ବଦଳରେ ଯାହା ନୁହଁନ୍ତି, ତାହା ଦିଶିବା ଇଚ୍ଛା କରନ୍ତି ।

ବର୍ତ୍ତମାନ ଆସନ୍ତୁ, ବାଇବଲ ଯାହା କହିଛି, ତାହା ପ୍ରତି ଦୃଷ୍ଟିପାତ କରିବା :

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

ନିହିମିଆ ବାଇବଲ
ଆବାସିକ ମହାବିଦ୍ୟାଳୟ, ଚେନ୍ନାଇ
ମାଧ୍ୟମ ~ ହିନ୍ଦୀ
ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଥିଓଲୋଜିରେ ଡିପ୍ଲୋମା
ଯୋଗ୍ୟତା : ୧୦ମ ଓ ତଦୂର୍ଦ୍ଧ୍ୱ
ଶୀଘ୍ର ଆଡ୍‌ମିଶନ କରନ୍ତୁ !
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
✶ ONLINE CLASSES ARE AVAILABLE ✶

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ,**

(୨୦୨୪ ଜୁଲାଇ ୧୯ ରୁ ୨୦୨୪ ଅଗଷ୍ଟ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ଜୁଲାଇ ୧୯ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ନିମନ୍ତେ ।

ଜୁଲାଇ ୨୦ ⇨ ୧୯୬୯ ରୁ ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ସମର୍ପଣ ଉପରେ ତାଙ୍କର ପ୍ରଚୁର ଆଶୀର୍ବାଦ ନିମନ୍ତେ ।

ଜୁଲାଇ ୨୧ ⇨ ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକରେ ଆମର ପାଳକ ଓ ବରିଷ୍ଠ ସଦସ୍ୟମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୨୨ ⇨ ଆମର ଛାପାକଳ ଓ ଦକ୍ଷ କର୍ମଚାରୀମାନଙ୍କ ଦ୍ୱାରା ଏହାର ନିରନ୍ତର ସୁପରିଚାଳନା ନିମନ୍ତେ ।

ଜୁଲାଇ ୨୩ ⇨ ବାଲାଜୀନଗର, ସନ୍ତୋଷପୁରମ୍ ଓ ଭେଲାଚେରୀଠାରେ ଅନୁଷ୍ଠିତ ହେଉଥିବା ରବିବାର ଉପାସନାରେ ନୂତନ ବିଶ୍ୱାସୀମାନଙ୍କ ନିମନ୍ତେ ।

ଜୁଲାଇ ୨୪ ⇨ ୟୁଥ୍ ଏଣ୍ଡ କିଡ୍ କେୟାର ମିନିଷ୍ଟ୍ରି ନିମନ୍ତେ ଥିବା ଆମର ବିଶ୍ୱସ୍ତରୀୟ ଦର୍ଶନ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୨୫ ⇨ ୨୦୨୪-୨୦୨୫ ଶିକ୍ଷା ବର୍ଷ ନିମନ୍ତେ ଆମ ନିହିମିୟା ବାଇବଲ କଲେଜ ଓ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ଆଡ୍‌ମିଶନ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୨୬ ⇨ ମିଶନ୍ କର୍ମଚାରୀମାନଙ୍କର ବଡ଼ ସମର୍ପଣ ନିମନ୍ତେ ।

ଜୁଲାଇ ୨୭ ⇨ ଆମର ଆବାସିକ ଓ ସାଂଧ୍ୟ ନିହିମିୟା ବାଇବଲ କଲେଜ ପାଇଁ ନୂତନ ଛାତ୍ର ପାଇବାରେ ଆମକୁ ସାହାଯ୍ୟ କରିଥିବାରୁ ।

ଜୁଲାଇ ୨୮ ⇨ ସୁସମାଚାର ଜାଣି ନ ଥିବା ଲୋକମାନଙ୍କ ନିକଟରେ ସୁସମାଚାର ଜଣାଇବା ପାଇଁ ଆମର ୟୁ-ଟ୍ୟୁବ୍ ସେବାକାର୍ଯ୍ୟର ୫ମିନିଟର ବାର୍ତ୍ତା ଉପରେ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୨୯ ⇨ ଅପହଞ୍ଚ ଅଞ୍ଚଳ ଗୁଡ଼ିକରେ ସୁସମାଚାର ପ୍ରସାର କରିବା ପାଇଁ ଆମକୁ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୩୦ ⇨ ଆମର ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସସାଥୀ, ଆଜୀବନ ସଭ୍ୟ, ମହା ଆଦେଶ ସାଥୀଗଣ ଓ ସେମାନଙ୍କ ପରିବାର ଗୁଡ଼ିକ ପ୍ରତି ତାଙ୍କର ଦୟା ନିମନ୍ତେ ।

ଜୁଲାଇ ୩୧ ⇨ ଆମର ସେଣ୍ଟ ପଲ୍‌ସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମର ସମସ୍ତ କାର୍ଯ୍ୟକଳାପ ନିମନ୍ତେ ।

ଅଗଷ୍ଟ ୧ ⇨ ଆମର ମୁଖ୍ୟ ମଣ୍ଡଳୀକୁ ନୂତନ ବିଶ୍ୱାସୀମାନଙ୍କୁ ଆଣିଥିବାରୁ ।

ଅଗଷ୍ଟ ୨ ⇨ ଆମ ମଣ୍ଡଳୀ ଗୁଡ଼ିକର ପାଳକ ଓ ସ୍ୱେଚ୍ଛାସେବୀମାନଙ୍କ ନିମନ୍ତେ ।

ଅଗଷ୍ଟ ୩ ⇨ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ସମର୍ପିତ ଖ୍ରୀଷ୍ଟିଆନ ଶିକ୍ଷକ ଓ ଅଧକ୍ଷ ଯୋଗାଇଥିବାରୁ ।

## ପ୍ରାର୍ଥନାର ବିଷୟ

ଅଗଷ୍ଟ ୪ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ସମସ୍ତ ପ୍ରକାର ମନ୍ଦଶକ୍ତିରୁ ରକ୍ଷା କରିବା ପାଇଁ ।

ଅଗଷ୍ଟ ୫ ⇨ ଜଗତର ଲୋକମାନଙ୍କ ଆବଶ୍ୟକତା ନିମନ୍ତେ ।

ଅଗଷ୍ଟ ୬ ⇨ ଆମ ସେବାକାର୍ଯ୍ୟର ଅର୍ଥନୈତିକ ଆବଶ୍ୟକତାଗୁଡ଼ିକ ଯେପରି ପୂରଣ ହେବ ।

ଅଗଷ୍ଟ ୭ ⇨ ଆମର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।

ଅଗଷ୍ଟ ୮ ⇨ ସମଗ୍ର ବିଶ୍ୱରେ ଥିବା ଅର୍ଥନୈତିକ ସଙ୍କଟ ଯେପରି ଶେଷ ହେବ ।

ଅଗଷ୍ଟ ୯ ⇨ ପ୍ରତିଦିନ ସକାଳ ୨ଟାରେ ୫ ମିନିଟ ପାଇଁ ୟୁ-ଟ୍ୟୁବ୍‌ରେ ପ୍ରସାରିତ ହେଉଥିବା ଗଣମାଧମ ସେବାକାର୍ଯ୍ୟ ନିମନ୍ତେ ।

ଅଗଷ୍ଟ ୧୦ ⇨ ଆମ "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ" ଆଜି ଏହାର ୫୬ ତମ ବର୍ଷରେ ପଦାର୍ପଣ କରିଥିବାରୁ ।

ଅଗଷ୍ଟ ୧୧ ⇨ ଈଶ୍ୱରଙ୍କ ସନ୍ତାନମାନଙ୍କ ଉପରେ ଆତ୍ମିକ ଓ ଜାଗତିକ ଆଶୀର୍ବାଦ ନିମନ୍ତେ ।

ଅଗଷ୍ଟ ୧୨ ⇨ ପ୍ରଭୁରେ ବଞ୍ଚିବା ପାଇଁ ଓ ନିୟମିତଭାବେ ଆମ ମଣ୍ଡଳୀରେ ଯୋଗ ଦେବା ପାଇଁ ଛୁଟୀ ଦିବସୀୟ ବାଇବଲ ସ୍କୁଲ (ଭିବିଏସ୍)ରେ ଯୀଶୁ ଖ୍ରୀଷ୍ଟଙ୍କ ପ୍ରେମର ସ୍ପର୍ଶ ପାଇଥିବା ଶହଶହ ପିଲାମାନଙ୍କ ନିମନ୍ତେ ।

ଅଗଷ୍ଟ ୧୩ ⇨ ମିଶନେରୀ ଓ ଈଶ୍ୱରଙ୍କ ଦାସମାନଙ୍କ ବିରୁଦ୍ଧରେ ହିଂସା ଯେପରି ବନ୍ଦ ହେବ ।

ଅଗଷ୍ଟ ୧୪ ⇨ ଈଶ୍ୱରଙ୍କ ଅନୁଗ୍ରହ ଯେପରି ପୃଥିବୀରେ ଲୋକମାନଙ୍କ ଉପରେ ବୃଷ୍ଟି ହେବ ।

ଅଗଷ୍ଟ ୧୫ ⇨ ପରିବାରଗୁଡ଼ିକୁ ବିଚ୍ଛିନ୍ନ କରିବାରେ ଶୟତାନର କାର୍ଯ୍ୟ ଯେପରି ବିନଷ୍ଟ ହେବ ।

ଅଗଷ୍ଟ ୧୬ ⇨ ସମଗ୍ର ପୃଥିବୀର ମାରାତ୍ମକ ରୋଗ ଓ ବିଷାଦ ଦ୍ୱାରା ଆକ୍ରାନ୍ତ ଲୋକମାନଙ୍କର ଉଦ୍ଧାର ନିମନ୍ତେ ।

ଅଗଷ୍ଟ ୧୭ ⇨ ଏହି ମାସ ଯେପରି ସମସ୍ତ ଅର୍ଥନୈତିକ ଆବଶ୍ୟକତା ପୂରଣ ହେବ ।

ଅଗଷ୍ଟ ୧୮ ⇨ ସମଗ୍ର ପୃଥିବୀରେ ଅନୁଷ୍ଠିତ ହୋଇଥିବା ଛୁଟୀ ଦିବସୀୟ ବାଇବଲ ସ୍କୁଲ (ଭିବିଏସ୍) ମାଧ୍ୟମରେ ପରିତ୍ରାଣ ପାଇଥିବା ପିଲା ଓ ଯୁବାମାନଙ୍କ ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

**"ଗର୍ବିତ ମନା ହୁଅ ନାହିଁ"** (ରୋମୀୟ ୧:୨୦) ।

**"ଆପଣା ବିଷୟରେ ଯେପରି ମନେ କରିବା ଉଚିତ୍, ତାହାଠାରୁ ଆପଣାକୁ ଅଧିକ ବଡ଼ ମନେ ନ କର"** (ରୋମୀୟ ୧୨:୩) ।

**"ତୁମ୍ଭ ଅନ୍ତଃକରଣର ଅହଙ୍କାର ତୁମ୍ଭକୁ ବଞ୍ଚନା କରିଅଛି"** (ଓବଦିୟ ୧:୩) ।

ଏହି ଧାରା ଶାଉଲଙ୍କ ଜୀବନରେ ସ୍ପଷ୍ଟ ହୋଇଥିଲା, ତାଙ୍କ ଗର୍ବ ତାଙ୍କୁ ଅନ୍ଧ କରି ପ୍ରବଞ୍ଚିତ କରିଥିଲା ଓ ଏହା ତାଙ୍କୁ ଆତ୍ମ-ପ୍ରବଞ୍ଚନା ଦିଗକୁ କଢ଼ାଇ ନେଇଥିଲା ।

ଆମେ କିପରି ପତିତ ହେଉ ଓ ଯେତେବେଳେ ଆମେ ଆତ୍ମ-ପ୍ରବଞ୍ଚନା ମଧ୍ୟରେ ପତିତ ହେଉ, ସେତେବେଳେ କ'ଣ ଘଟେ :-

## କ. ସଂପୂର୍ଣ୍ଣଭାବେ ଈଶ୍ୱରଙ୍କର ବାଧ୍ୟ ହେବା ପାଇଁ ଅନିଚ୍ଛା :

ଦୃଷ୍ଟାନ୍ତ ସ୍ୱରୂପେ, ଈଶ୍ୱର ଅମାଲେକୀୟମାନଙ୍କୁ ମୂଳପୋଛ କରିବା ପାଇଁ ଶାଉଲଙ୍କୁ ଆଜ୍ଞା ଦେଇ କହିଥିଲେ, **"ଏବେ ତୁମ୍ଭେ ଯାଇ ଅମାଲେକକୁ ଆଘାତ କର ଓ ସେମାନଙ୍କର ସର୍ବସ୍ୱ ବର୍ଜିତ ରୂପେ ବିନାଶ କର"** (୧ ଶାମୁୟେଲ ୧୫:୩) । କିନ୍ତୁ, ଶାଉଲ **"ସମସ୍ତ ଉତ୍ତମ ବସ୍ତୁ"** ନିଜ ନିମନ୍ତେ ରଖିବା ପାଇଁ ମନୋନୀତ କରିବା ଦ୍ୱାରା ନିଜକୁ ପ୍ରତାରିତ କରିଥିଲେ (୧ ଶାମୁୟେଲ ୧୫:୯) । କ'ଣ ଉତ୍ତମ ଓ ମୂଲ୍ୟବାନ, ଏହା ବିଚାର କରିବାର ଦାୟିତ୍ୱ ନିଜେ ବହନ କରିବା ଦ୍ୱାରା ଶାଉଲ ନିଜ କାର୍ଯ୍ୟକୁ ଯଥାର୍ଥ ବୋଲି ଭାବି ପ୍ରବଞ୍ଚିତ ହୋଇଥିଲେ । ଏପରିକି ସେ ଦାବୀ କରିଥିଲେ, **"ମୁଁ ସଦାପ୍ରଭୁଙ୍କ ବାକ୍ୟ ସଫଳ କରିଅଛି"** (୧ ଶାମୁୟେଲ ୧୫:୧୩), ମାତ୍ର ପ୍ରକୃତରେ ସେ ଈଶ୍ୱରଙ୍କ ନିର୍ଦ୍ଦେଶରୁ ବିଚ୍ୟୁତ ହୋଇଥିଲେ ।



*Samuel reprimands Saul for disobeying God's Command*

ଅନେକ ସମୟରେ, ଆମେ ଶାଉଲଙ୍କ ଭଳି ଏହା ବିଶ୍ୱାସ କରି ପ୍ରବଞ୍ଚିତ ହେଉ ଯେ ଆମର କାର୍ଯ୍ୟ ଈଶ୍ୱର ଇଚ୍ଛାନୁରୂପୀ ଅଟେ, ମାତ୍ର ବାସ୍ତବରେ ତାହା ଓଲଟା ପଡ଼ି ଯାଇଥାଏ । କେବଳ ଈଶ୍ୱରଙ୍କ ଇଚ୍ଛାନୁସାରେ ସାଧିତ ହୋଇଥିବା କାର୍ଯ୍ୟଗୁଡ଼ିକ ତାଙ୍କର ସନ୍ତୋଷଜନକ ଅଟେ, ମାତ୍ର ଆତ୍ମ-ପ୍ରତାରଣା ଆମର ବିଚାରକୁ ମେଘାଚ୍ଛନ୍ନ କରିଦିଏ ।

## ଖ. ନିଜର ଭୁଲ୍‌କୁ ସ୍ୱୀକାର କରିବା ପାଇଁ ଅନିଚ୍ଛା



***Saul tries to justify disobedience in a spiritual way***

ଗର୍ବ ଓ ଆତ୍ମ-ପ୍ରତାରଣା ତାଙ୍କ ଚକ୍ଷୁକୁ ଅନ୍ଧ କରିଥିଲା, ତାଙ୍କ ହୃଦୟକୁ ଜଡ଼ କରିଥିଲା, ତାଙ୍କର କର୍ଣ୍ଣକୁ ବଧିର କରିଥିଲା ଓ ତାଙ୍କୁ ଈଶ୍ୱରଙ୍କ ସ୍ୱର ଶୁଣିବାରେ ବାଧା ଦେଇଥିଲା । ସେ ଲୋକମାନଙ୍କୁ ଦୋଷ ଦେଇ କହିଥିଲେ, "(ମୁଁ ନୁହେଁ), ମାତ୍ର ଲୋକମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳିଦାନ ଉତ୍ସର୍ଗ କରିବା ପାଇଁ ସର୍ବୋତ୍ତମ ମେଷ ଓ ବୃଷ ବଞ୍ଚାଇ ରଖିଲେ ।" ଶାଉଲ ନିଜର ଅବାଧ୍ୟତାକୁ ଆଧ୍ୟାତ୍ମିକୀକରଣ କରିବାକୁ ଚେଷ୍ଟା କରିଥିଲେ । ଏଥିପାଇଁ ଈଶ୍ୱର ଏହି ବିଷୟ ଉପରେ ଗୁରୁତ୍ୱ ଦେଇଛନ୍ତି ଯେ ବାଧ୍ୟତା ବଳିଦାନ ଅପେକ୍ଷା ଶ୍ରେଷ୍ଠତର ଅଟେ । ଆତ୍ମ-ପ୍ରତାରଣା ଆମକୁ ନିଜ ଉପରେ ଦାୟିତ୍ୱ ନେବା ପରିବର୍ତ୍ତେ ଆମ କାର୍ଯ୍ୟ ନିମନ୍ତେ ଅନ୍ୟମାନଙ୍କୁ ଦୋଷ ଦେବା ପାଇଁ ଆମକୁ ପରିଚାଳିତ କରେ ।

## ଗ. ନିଜକୁ ନମ୍ର କରିବା ପାଇଁ ଅନିଚ୍ଛା

ଶାଉଲ ନିଜ ଗର୍ବର ଉଚ୍ଚତାରେ ଥିଲେ ।

ସେ ନିଜ ନିମନ୍ତେ ଏକ ବିଜୟସ୍ତମ୍ଭ ନିର୍ମାଣ କରିଥିଲେ ।

ଶାମୁୟେଲ ଯେପରି ତାଙ୍କୁ ସମ୍ମାନ ଦେଖାଇବେ, ଏହା ଉପରେ ସେ ଗୁରୁତ୍ୱ ଦେଇଥିଲେ ।

ସେ ଈଶ୍ୱରଙ୍କ ସ୍ୱୀକୃତି ଅପେକ୍ଷା ଲୋକମାନଙ୍କ ସମ୍ମାନକୁ ପ୍ରାଧାନ୍ୟ ଦେଇଥିଲେ ।

ଈଶ୍ୱରଙ୍କ ସମ୍ମୁଖରେ ନିଜକୁ ନତ କରି କ୍ଷମା ମାଗିବା ବଦଳରେ, ସେ ନିଜ ଲୋକମାନଙ୍କ ମଧ୍ୟରେ ଉଚ୍ଚୀକୃତ ହେବାକୁ ଇଚ୍ଛା କରିଥିଲେ ।

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)

ନିହିମିୟା ବାଇବଲ
ସାଂଧ୍ୟ କଲେଜ
ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ
ମାଧ୍ୟମ - ତାମିଲ
REACHING NATIONS
ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ଥିଓଲୋଜିରେ ଡିପ୍ଲୋମା
ଶୀଘ୍ର ଆଡ୍‌ମିଶନ କରନ୍ତୁ !
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର - ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଧୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ - ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ - ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ଣ ୪.୦୦ ଘଟିକା ।
୧୩. ତାମିଲ ଉପାସନା - ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା - ରବିବାର ଅପରାହ୍ଣ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା - ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା - ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା - ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା - ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା - ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ - ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର - ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା - ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା - ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା - ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ - ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା - ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା - ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ - ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ - ୭୬ ପୃଷ୍ଠା ଓ ତାମିଲ୍‌ରେ - ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ - "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ - ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆମ୍ଭିୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ - **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗାର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ଈଶ୍ୱର ଆମର ଛୋଟ ଉଦ୍ୟମ ଉପରେ ଆଶୀର୍ବାଦ କରନ୍ତି !

*"ସଦାପ୍ରଭୁଙ୍କର ଧନ୍ୟବାଦ କର, କାରଣ ସେ ମଙ୍ଗଳମୟ, ଆମ୍ଭମାନଙ୍କ ହୀନାବସ୍ଥା ସମୟରେ ଆମ୍ଭମାନଙ୍କୁ ସ୍ମରଣ କଲେ ସେ, କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ" (ଗୀତସଂହିତା ୧୩୬:୧,୨୩) ।*

ମୋର ସେବାକାର୍ଯ୍ୟ ଜୀବନର ଆରମ୍ଭରୁ, ଈଶ୍ୱର ମୋତେ କୌଣସି ତାତ୍‌କ୍ଷଣିକ ପୁରସ୍କାରକୁ ଆଶା କରିବା ବିନା ତାଙ୍କ ରାଜ୍ୟର ସଂପ୍ରସାରଣ ନିମନ୍ତେ ଈଶ୍ୱରଙ୍କୁ ଗୌରବ କରିବା ପାଇଁ ଯେ କୌଣସି ସ୍ଥାନକୁ ଯିବାକୁ ଓ ଯେ କୌଣସି ଆହ୍ୱାନର ସମ୍ମୁଖୀନ ହେବାକୁ ଆଗ୍ରହ ପ୍ରଦାନ କରିଥିଲେ । ୧୯୭୬ ରୁ ୧୯୮୬ ପର୍ଯ୍ୟନ୍ତ, ମୁଁ ସରକାରୀ କାର୍ଯ୍ୟାଳୟରୁ ବାରମ୍ବାର ଛୁଟୀ ମାଗୁଥିଲି ଓ ମୋର ନିଜ ଖର୍ଚ୍ଚରେ ଭାରତର ବିଭିନ୍ନ ଅଞ୍ଚଳକୁ ଯାଇ ଛୋଟ ଛୋଟ ସୁସମାଚାର ସଭା କରିବା ଦ୍ୱାରା ସୁସମାଚାର ପ୍ରଚାର କରୁଥିଲି ।

ପ୍ରଭୁ, ଅନ୍ତତଃ ଗୋଟିଏ କିମ୍ବା ଦୁଇଟି ମାସ ନିମନ୍ତେ ବିଭିନ୍ନ ଅଞ୍ଚଳକୁ ମୋର ଆତ୍ମିକ ବନ୍ଧୁମାନଙ୍କୁ ମୋ' ସହିତ ନେବା ପାଇଁ ଓ ଅପହଞ୍ଚ ଗ୍ରାମଗୁଡ଼ିକୁ ଯାଇ ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର ମାଧ୍ୟମରେ ହଜାର ହଜାର ଲୋକଙ୍କ ଜୀବନକୁ ସ୍ପର୍ଶ କରିବା ପାଇଁ ମୋତେ ସାହାଯ୍ୟ କରିଥିଲେ । ଅନେକ ସମୟରେ, ମୋତେ ଟ୍ରେନ ଟିକଟ, ବସ୍ ଟିକଟ, ହୋଟେଲ ଖର୍ଚ୍ଚ ଓ ମୋର ତଥା ମୋର ସହକର୍ମୀମାନଙ୍କର ରହିବା ଖାଇବା ଖର୍ଚ୍ଚ ଓ ସମସ୍ତ ଅର୍ଥନୈତିକ ଆବଶ୍ୟକତା ନିମନ୍ତେ ଈଶ୍ୱରଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା । ଈଶ୍ୱର ଆଶ୍ଚର୍ଯ୍ୟଜନକ ଭାବେ ମୋତେ ସାହାଯ୍ୟ କରୁଥିଲେ ।

ଏହି ସେବାକାର୍ଯ୍ୟ ମାଧ୍ୟମରେ, ଈଶ୍ୱର ମୋତେ ଚେଙ୍ଗଲ ପେଟ ଜିଲ୍ଲା, ଭିଲ୍ଲୁପୁରମ ଜିଲ୍ଲା, ମଦୁରାଇ ଜିଲ୍ଲା, ତ୍ରିଚି ଜିଲ୍ଲା, କନ୍ୟାକୁମାରୀ ଜିଲ୍ଲା, କୋଡ଼ାଇକାନାଲ୍, ଓଟକାମଣ୍ଡ, ତ୍ରିଭାନ୍ଦ୍ରମ, ପିଲାମେଡୁ, ଇଡୁକ୍କୀ, ଭନ୍ଦିପେରିୟାର ବିଜୟୱାଡ଼ା, ବାଙ୍ଗ୍‌ଲୋର, ମହୀଶୂର ଇତ୍ୟାଦିର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଯିବାରେ ସାହାଯ୍ୟ କରିଥିଲେ । ଏହି ଯାତ୍ରା ସମୟରେ, ମୁଁ ବସ୍ ଓ ଟ୍ରେନ୍ ମାଧ୍ୟମରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଆମର ବାଦ୍ୟଯନ୍ତ୍ର ଓ ସୁସମାଚାର ପତ୍ରିକା ନେବା ଆଣିବା କରିବା ସମୟରେ ବିଭିନ୍ନ ପ୍ରକାର ଶାରୀରିକ କଷ୍ଟର ଅନୁଭୂତି ପାଇଥିଲି । ମୋର ଅର୍ଥନୈତିକ ଅଭାବ ଯୋଗୁ, ମୁଁ ମୋର ସେବାକାର୍ଯ୍ୟ ନିମନ୍ତେ ଗୋଟିଏ ଗାଡ଼ି କିଣିବା ବିଷୟରେ ଭାବିପାରୁ ନ ଥିଲି । ମାତ୍ର ଈଶ୍ୱର ମୋର ମନୋଭାବ ଦେଖୁଥିଲେ ଓ ମୋର ସାକ୍ଷ୍ୟ ଶୁଣୁଥିଲେ । ଈଶ୍ୱର ଯେ ଆମର ସେହି କାର୍ଯ୍ୟ ଓ ପ୍ରେମର ପରିଶ୍ରମକୁ ଭୁଲିଯିବେ, ଏପରି ଅନ୍ୟାୟକାରୀ ସେ ନୁହଁନ୍ତି, ଯାହା ଆମେ ସାଧୁମାନଙ୍କର ସେବା କରିଥିବା ଦ୍ୱାରା ଓ ଏବେ ମଧ୍ୟ କରୁଥିବା ଦ୍ୱାରା ତାହାଙ୍କ ନାମ ପ୍ରତି ପ୍ରେମ ପ୍ରକାଶ କରୁଅଛୁ" (ଏବ୍ରୀ ୬:୧୦) ।

ପରେ, ମୁଁ ଏହା ଆବିଷ୍କାର କରିଥିଲି ଯେ ଈଶ୍ୱର ମୋର ସମସ୍ତ ସହକର୍ମୀଙ୍କୁ ଆଶୀର୍ବାଦ କରିଥିଲେ ଓ ସେମାନଙ୍କୁ ଉଚ୍ଚତର ସ୍ତରକୁ ଉନ୍ନୀତ କରି ଆଜି ମଧ୍ୟ ତାଙ୍କ ଦ୍ରାକ୍ଷାକ୍ଷେତ୍ରରେ ସେମାନଙ୍କୁ ଶକ୍ତିପୂର୍ଣ୍ଣ ଭାବରେ ନିରନ୍ତର ବ୍ୟବହାର କରୁଛନ୍ତି । ସେ ମୋତେ ଅତ୍ୟାଧୁନିକ ଉପକରଣ, କାର୍, ଭ୍ୟାନ୍ ଓ ଉଦ୍‌ଯୋଗୀ କର୍ମଚାରୀ ଭଳି ସମସ୍ତ ସୁବିଧା ଦେଇ ଆଶୀର୍ବାଦ କରିଛନ୍ତି ଓ ଭାରତର ପରିତ୍ରାଣ ପାଇ ନ ଥିବା ଲୋକମାନଙ୍କ ନିକଟରେ ଅଧିକରୁ ଅଧିକ ସୁସମାଚାର ପ୍ରଚାର କରିବାର ସାମର୍ଥ୍ୟ ଦେଇଛନ୍ତି । ଆହୁରି ମଧ୍ୟ, ଈଶ୍ୱର ମୋତେ ସମ୍ମାନିତ କରିଥିଲେ, ପୃଥିବୀର ବିଭିନ୍ନ ଦେଶଗୁଡ଼ିକୁ ନେଇ ଉତ୍ତମ ବନ୍ଧୁମାନଙ୍କୁ ପ୍ରଦାନ କରିଥିଲେ ।

ସେହି ସମାନ ଈଶ୍ୱର ଆଜି ମଧ୍ୟ ଜୀବିତ ଅଛନ୍ତି । ସେ ଏପରି ଇଚ୍ଛୁକ ଲୋକମାନଙ୍କୁ ଖୋଜୁଛନ୍ତି ଯେଉଁମାନେ କୌଣସି ଆଶୁ ପୁରସ୍କାର ଓ ଉଚ୍ଚ ପଦବୀର ଆଶା ନ ରଖି ଓ ଦୁର୍ନୀତିଗ୍ରସ୍ତ ମନ ନ ନେଇ ତାଙ୍କର ସେବା କରିବା ପାଇଁ ଆଗକୁ ଆସି ପାରିବେ । ତୁମ୍ଭେ ଜଳ ଉପରେ ଆପଣା ଆହାର ପକାଅ, ତହିଁରେ ଅନେକ ଦିନ ଉତ୍ତାରେ ତାହା ପାଇବ (ଉପଦେଶକ ୧୧:୧) । ସେ କାହାରି ନିକଟରେ ଋଣୀ ନୁହଁନ୍ତି ।

ବ୍ୟକ୍ତିଗତ ଭାବରେ, ମୁଁ ଏହା ଶିକ୍ଷା କରିଛି ଯେ ଯଦି ଈଶ୍ୱରଙ୍କ ରାଜ୍ୟ ନିମନ୍ତେ କିଛି କରିବା ପାଇଁ ଆମର ଇଚ୍ଛା ଥାଏ, ତେବେ ଆମେ ପବନକୁ ନ ଅନାଇ ଓ ମେଘକୁ ବିଚାର ନ କରି ସଙ୍ଗେ ସଙ୍ଗେ ଏହା କରିବା ଉଚିତ କାରଣ ଯେ ପବନକୁ ଦେଖେ, ସେ ବୁଣିବ ନାହିଁ ଓ ଯେ ମେଘକୁ ଚାହେଁ, ସେ କାଟିବ ନାହିଁ (ଉପଦେଶକ ୧୧:୪) । ଜଗତ ଓ ଜାଗତିକ ଲୋକମାନେ ଆପଣଙ୍କ ସହିତ ଠିଆ ହେବେ ।

ଆଜିକାଲି, ଆମ ଲୋକମାନେ ଈଶ୍ୱରଙ୍କ ରାଜ୍ୟର ଅଗ୍ରଗତିରେ ସେମାନଙ୍କ ସ୍ୱାସ୍ଥ୍ୟ, ଅର୍ଥ ଓ ପ୍ରତିଭା ବିନିଯୋଗ କରିବାକୁ ଇଚ୍ଛା କରୁ ନାହାନ୍ତି, ଏହା ପରିବର୍ତ୍ତେ, କ୍ଷିପ୍ର ଉନ୍ନତି ଓ ସଙ୍ଗେ ସଙ୍ଗେ ପୁରସ୍କାର ପାଇବା ଆଶା କରୁଛନ୍ତି । ପ୍ରିୟ ବନ୍ଧୁ, ମୁଁ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ଯୋଗୁ ବାସ୍ତବରେ ଆଶୀର୍ବାଦ ପାଇଛି । ସେ ଆପଣଙ୍କୁ ମଧ୍ୟ ବାସ୍ତବରେ ଆଶୀର୍ବାଦ କରିପାରନ୍ତି । ବର୍ତ୍ତମାନ ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ କିଛି କରିବା ପାଇଁ ଆପଣ ଆଗକୁ ଆସିପାରିବେ କି ? ଆପଣ ନିଜର କ୍ରୁଶ ବହନ କରି ତାଙ୍କର ଅନୁଗାମୀ ହୋଇ ପାରିବେ କି ? ଈଶ୍ୱର ଏପରି ଇଚ୍ଛୁକ ଲୋକମାନଙ୍କୁ ଖୋଜୁଛନ୍ତି ଯେଉଁମାନେ ଯେ କୌଣସି ପ୍ରକାରେ, ଯେ କୌଣସି ମାର୍ଗରେ ଓ ଯେ କୌଣସି ମୂଲ୍ୟ ବିନିମୟରେ ତାଙ୍କର ଗୌରବମୟ ସୁସମାଚାର ପ୍ରେରଣ କରିବା ପାଇଁ ବାସ୍ତବରେ ଆଗ୍ରହୀ ଅଟନ୍ତି (୧ କରିନ୍ଥୀୟ ୯:୨୨) ।

**ଆପଣ ଏହି ବାକ୍ୟଗୁଡ଼ିକୁ ପାଠ କରୁଥିବା ସମୟରେ, ଏହା ଜାଣିବା ଆବଶ୍ୟକ ଯେ ଆପଣଙ୍କ ନିମନ୍ତେ ଈଶ୍ୱରଙ୍କର ଏକ ବିଶେଷ ଯୋଜନା ଅଛି । ଜାଗତିକ ଧନ, ସ୍ୱାସ୍ଥ୍ୟ, ସଂପର୍କ ଓ ଖ୍ୟାତି ଆପଣଙ୍କୁ ଦିନେ ପ୍ରତାରିତ କରିବ । ମାତ୍ର ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ସାନ୍ତ୍ୱନାବିହୀନ କରି ପରିତ୍ୟାଗ କରିବେ ନାହିଁ !!! ଯୋହନ ୧୪:୧୮ । ଆଜି ଏକ ନିଷ୍ପତ୍ତି ନିଅନ୍ତୁ । ଗୋଟିଏ ବଡ଼ ପୁରସ୍କାର ଆପଣଙ୍କୁ ଅପେକ୍ଷା କରୁଅଛି ।**

*******

(୬ଷ ପୃଷ୍ଠାର ଅବଶିଷ୍ଟାଂଶ)

ପୂର୍ବରୁ ଯେପରି ଉଲ୍ଲିଖିତ ଅଛି, ସେହିପରି ଆମର ସମସ୍ତ କାର୍ଯ୍ୟର ପରିଣାମ ଅଛି । ଆଂଶିକ ବାଧ୍ୟତା ସଂପୂର୍ଣ୍ଣ ଅବାଧ୍ୟତା ସହିତ ସମାନ ଅଟେ ।

ଶାଉଲ ନିଜ କାର୍ଯ୍ୟ ଦ୍ୱାରା ଈଶ୍ୱରଙ୍କୁ ଦୁଃଖିତ କରିଥିଲେ ।

ଏହାଦ୍ୱାରା ଈଶ୍ୱର ତାଙ୍କୁ ସଙ୍ଗେ ସଙ୍ଗେ ଅଗ୍ରାହ୍ୟ କରିଥିଲେ ।

ଉଭୟ ଈଶ୍ୱର ଓ ଶାମୁୟେଲ ତାଙ୍କୁ ରାଜା କରିଥିବାରୁ ଅନୁଶୋଚନା କରିଥିଲେ ।

ଶାଉଲ ଈଶ୍ୱରଙ୍କ ଇଚ୍ଛାରୁ ବିଚ୍ୟୁତ ହୋଇ ନିଜର ମାର୍ଗ ହରାଇଥିଲେ । ଆସନ୍ତୁ, ଆମେ ଏହି ପ୍ରାର୍ଥନା କରିବା ଯେପରି ଆମ ମଧ୍ୟରୁ କେହି ଶାଉଲଙ୍କ ସଦୃଶ ଜୀବନ କାଟି ଜୀବନର ଉଦ୍ଦେଶ୍ୟରୁ ବିଚ୍ୟୁତ ହେବ ନାହିଁ ।

## ୩ୟ ଓ ଶେଷ ଭୁଲ୍ ପଦକ୍ଷେପ

## ବିଦ୍ରୋହ !

ଶାଉଲଙ୍କ ଗର୍ବ ତାଙ୍କୁ ଆତ୍ମ-ପ୍ରତାରଣା ଦିଗରେ କଢ଼ାଇ ନେଇଥିଲା ଓ ଏହା ଫଳରେ ସେ ନିଜର ଏକ ଭୁଲ୍ ପରିଚୟ କଳ୍ପନା କରି ଏକ ବିଦ୍ରୋହୀ ଓ କଠିନମନା ସ୍ୱଭାବ ପ୍ରତିପୋଷଣ କରିଥିଲେ । ବିଦ୍ରୋହ ଅବାଧ୍ୟତା ଓ ଜିଦ୍‌ଖୋର୍ ମନୋଭାବ ସହିତ ସମାନ ଅଟେ ଓ ଏହା ନିଜ ସହିତ ପରିଣାମକୁ ବହନ କରିଥାଏ । ହିତୋପଦେଶ ୨୯:୧ ଆମକୁ ସତର୍କ କରି ଦେଇଛି ଯେ **"ଯେଉଁ ଲୋକ ଥରକୁ ଥର ଅନୁଯୋଗ ପାଇଲେ ହେଁ ଆପଣା ଗ୍ରୀବା ଶକ୍ତ କରେ, ସେ ପ୍ରତିକାର ବିନୁ ହଠାତ୍ ଭଗ୍ନ ହେବ । ତା'ର ଧ୍ୱଂସ ହଠାତ୍ ତା' ଉପରକୁ ଆସିବ ।"**

ନିଜର ବିଦ୍ରୋହ ସ୍ୱଭାବ ବିଷୟରେ ଅଜ୍ଞତା କେବଳ ତାଙ୍କ ଉପରେ ନୁହେଁ, ମାତ୍ର ଭବିଷ୍ୟତ୍ ପିଢ଼ୀ ଉପରେ ମଧ୍ୟ ପ୍ରଭାବ ପକାଇଥିଲା । ସେ ବଳିଦାନ ଉତ୍ସର୍ଗ କରିବା ପାଇଁ ଶାମୁୟେଲଙ୍କୁ ଅପେକ୍ଷା କରି ନ ଥିଲେ, ବଳି ଉତ୍ସର୍ଗ କରିବା ଏକ ଧର୍ମଯାଜକଙ୍କର କାର୍ଯ୍ୟ ଥିବାରୁ, ସେ ନିଜେ ଏହି କାର୍ଯ୍ୟ କରିବା ଦ୍ୱାରା ଏକ ବିଦ୍ରୋହୀ ମନୋଭାବ ପ୍ରଦର୍ଶନ କରିଥିଲେ । ଶାମୁୟେଲଙ୍କ ଠାରୁ ଭର୍ତ୍ସିତ ହେବା ପରେ ମଧ, ସେ ଶକ୍ତଗ୍ରୀବ ହୋଇ ରହିଥିଲେ ଓ ଶେଷରେ ନିଜର ସିଂହାସନ ହରାଇଥିଲେ । ପ୍ରତ୍ୟେକ ଅବାଧ୍ୟତା ଓ ବିଦ୍ରୋହର କାର୍ଯ୍ୟ ଏହାର ପରିଣାମକୁ ବହନ କରଥାଏ ।

ବିଦ୍ରୋହର ଅର୍ଥ କୌଣସି ଜଣେ ବ୍ୟକ୍ତିଙ୍କର କର୍ତ୍ତୃତ୍ୱ ଅଧୀନରେ ବଶୀଭୂତ ହେବା ପାଇଁ ଅସମ୍ମତ ହେବା ଓ କର୍ତ୍ତାଙ୍କର ବଶୀଭୂତ ହେବାର ଗୁରୁତ୍ୱକୁ ଅଣ ଦେଖା କରିବା । ଆମ ପରିବାର ମଧ୍ୟରେ, ଆମକୁ ଆମର ପିତାମାତା, ସ୍ୱାମୀ/ସ୍ତ୍ରୀ, ପ୍ରାଚୀନ, ପରିଚାଳକ, ମଣ୍ଡଳୀ ନେତା, ପାଳକ, ତତ୍ତ୍ୱାବଧାୟକ ଓ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ, ଈଶ୍ୱରଙ୍କ ପ୍ରତି ବଶ୍ୟତା ପ୍ରଦର୍ଶନ କରିବା ଆବଶ୍ୟକ ।

ବିଦ୍ରୋହ କେବଳ ଆଚରଣ ନୁହେଁ, ମାତ୍ର ଏକ ହୃଦୟର ବିଷୟ ଅଟେ, ଏହା ଆମ ନିଜ ନିଜର ଅନ୍ତର ଭିତରୁ ଏକ ପରିବର୍ତ୍ତନର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଏ ।

ବାଇବଲ ଆମକୁ ବିଦ୍ରୋହୀ ମନୋଭାବ ବିଷୟରେ ମୂଲ୍ୟବାନ୍ ଶିକ୍ଷା ଦିଏ :

**ବିଦ୍ରୋହ ଈଶ୍ୱରଙ୍କ ଦ୍ୱାରା ଘୃଣ୍ୟ ମନ୍ତ୍ରପାଠ ପାପ ତୁଲ୍ୟ** (୧ ଶାମୁୟେଲ ୧୫:୨୩) ।

**"ସେମାନେ ବିଦ୍ରୋହୀ ହେଲେ ଓ ତାହାଙ୍କର ପବିତ୍ର ଆତ୍ମାଙ୍କୁ ଶୋକାକୁଳ କଲେ, ଏ ନିମନ୍ତେ ସେ ଫେରି ସେମାନଙ୍କର ଶତ୍ରୁ ହେଲେ ଓ ଆପେ ସେମାନଙ୍କର ବିପକ୍ଷରେ ଯୁଦ୍ଧ କଲେ"** (ଯିଶାଇୟ ୬୩:୧୦) ।

**"ସଦାପ୍ରଭୁଙ୍କ ହସ୍ତ ତୁମ୍ଭମାନଙ୍କ ପ୍ରତିକୂଳରେ ହେବ"** (୧ ଶାମୁୟେଲ ୧୨:୧୪,୧୫) ।

**ଏପରି ଲୋକକୁ ଶରୀରର ବିନାଶ ନିମନ୍ତେ ଶୟତାନର ହସ୍ତରେ ସମର୍ପଣ କରିବା ଉଚିତ** (୧ କରିନ୍ଥୀୟ ୫:୫) ।

ପ୍ରିୟ ବନ୍ଧୁଗଣ, ଯଦି ଆମର ହୃଦୟ କଠିନ ହୋଇଯାଇଛି, ପରିବର୍ତ୍ତନର ପ୍ରତିରୋଧୀ ଓ ଶୀତଳ ହୋଇଯାଇଛି, ତେବେ ଆମକୁ ଏହାର ପରିବର୍ତ୍ତନ ନିମନ୍ତେ ଈଶ୍ୱରଙ୍କ ସାହାଯ୍ୟ ଅନ୍ୱେଷଣ କରିବାକୁ ହେବ । ଧର୍ମଶାସ୍ତ୍ର ଆମକୁ ସ୍ମରଣ କରାଇ ଦିଆଯାଇଛି ଯେ **"ଯିଏ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ରହିବ, ସେ ପରିତ୍ରାଣ ପାଇବ"** (ମାଥିଉ ୨୪:୧୩) । ଈଶ୍ୱରଙ୍କର ଆହ୍ୱାନ ଓ ଅନୁଗ୍ରହ ଦାନ ଅଖଣ୍ଡନୀୟ ହୋଇଥିଲେ ମଧ, ଆମେ ଗର୍ବ, ଆତ୍ମ ପ୍ରତାରଣା, ବିଦ୍ରୋହୀ ମନୋଭାବ ଓ ଈଶ୍ୱରଙ୍କ ଉଦ୍ଦେଶ୍ୟରୁ ବିଚ୍ୟୁତ ହେବା ମାଧ୍ୟମରେ ଆମର ଅନ୍ତର୍ବାସୀ ପବିତ୍ର ଆତ୍ମାଙ୍କୁ ବାଧା ଦେଇପାରୁ ଓ ଏହା ଫଳରେ ବିଫଳତା ଦିଗରେ ଅଗ୍ରସର ହୋଇପାରୁ । ଆସନ୍ତୁ, ଆମେ ଗର୍ବର ଧ୍ୱଂସାତ୍ମକ ପ୍ରଭାବ ବିରୁଦ୍ଧରେ ଜାଗ୍ରତ ହେବା ଓ ଆମର ସେହି ଭୁଲ୍ ଗୁଡ଼ିକୁ ଚିହ୍ନିବା ଓ ସଂଶୋଧନ କରିବା ପାଇଁ ଚେଷ୍ଟା କରିବା ଯେଉଁଗୁଡ଼ିକ ଆମକୁ ଆମ ଜୀବନର ଉଦ୍ଦେଶ୍ୟରୁ ବିଚ୍ୟୁତ କରିପାରେ । ଈଶ୍ୱରଙ୍କ ଇଚ୍ଛା ସହିତ ଆମେ ଯେ ମିଳିତ ହୋଇ ରହିଛୁ, ଏ ବିଷୟରେ ସୁନିଶ୍ଚିତ ହେବା ପାଇଁ ଆମ ଜୀବନ ଉପରେ ଚିନ୍ତା କରିବା ନିମନ୍ତେ ସମୟ ବାହାର କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ।

* * *

## ଜରୁରୀ ଆବଶ୍ୟକତା

### ନିହିମିୟା ବାଇବଲ କଲେଜ

**ଈଶ୍ୱରଙ୍କ ସେବାକାର୍ଯ୍ୟ ନିମନ୍ତେ ଏକ ବର୍ଷର ତାଲିମ ନେବା ଆବଶ୍ୟକ କରୁଥିବା ବ୍ୟକ୍ତିମାନେ ।**

**୧. ତାମିଲ ଭାଷାରେ ସାଂଧ୍ୟ ବାଇବଲ କଲେଜରେ ଅଧ୍ୟୟନ କରିବାକୁ ଚାହୁଁଥିବା ଛାତ୍ର (ଉଭୟ ପୁରୁଷ ଓ ମହିଳା) ।**

**୨. ଛାତ୍ରାବାସରେ ରହି ବାଇବଲ ପାଠ୍ୟକ୍ରମ ନେବାକୁ ଚାହୁଁଥିବା ହିନ୍ଦୀ ଭାଷାବାଦୀ ଛାତ୍ର ।**

ଯୋଗାଯୋଗ ନଂ - ୯୮୪୧୨୭୧୮୫୮

**ଶସ୍ୟ ପ୍ରଚୁର, ମାତ୍ର କାର୍ଯ୍ୟକାରୀ ଅଳ୍ପ । ଦୟାକରି ଆମକୁ ସାହାଯ୍ୟ କରିବା ପାଇଁ ଆଗକୁ ଆସନ୍ତୁ ।**

## କାର୍ଯ୍ୟାଳୟ

**କମ୍ପ୍ୟୁଟର ଅପରେଟର / କମ୍ପ୍ୟୁଟର ଟାଇପିଷ୍ଟମାନଙ୍କୁ ଆମ ମଣ୍ଡଳୀ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ କରାଯାଉଛି । ଉତ୍ତମ ଦରମା ଯୋଗାଇ ଦିଆଯିବ ।**

ଯୋଗାଯୋଗ ନଂ - ୯୮୪୧୨୭୧୮୫୮

## ଦୟାକରି ଦୃଷ୍ଟି ଦିଅନ୍ତୁ

### ପାଳକ ଏସ୍.ସାମ୍. ସେଲ୍‌ଭାରାଜଙ୍କ ଆତ୍ମ ଜୀବନୀ

ଆମେ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍‌ଙ୍କର ଆତ୍ମ ଜୀବନକୁ ପୁସ୍ତକ ଭାବରେ ପ୍ରକାଶ କରିବାର ଶେଷ ପର୍ଯ୍ୟାୟରେ ଅଛୁ । ଈଶ୍ୱର ପାଳକଙ୍କର ସେବାକାର୍ଯ୍ୟ ମାଧ୍ୟମରେ ଆପଣମାନଙ୍କ ଆତ୍ମିକ ଅଭିବୃଦ୍ଧି ଉପରେ କି ପ୍ରଭାବ ପକାଇଛନ୍ତି, ସେହି ବିଷୟରେ ୧୦ ଧାଡ଼ି ମଧ୍ୟରେ ଆପଣମାନଙ୍କର ସାକ୍ଷ୍ୟ ଆମକୁ ଜଣାନ୍ତୁ ବୋଲି ଅନୁରୋଧ କରୁଅଛୁ । ଏହା ସହିତ, ଯଦି ଆପଣମାନେ ଆତ୍ମ ଜୀବନୀରେ କୌଣସି ଫୋଟୋ ଅନ୍ତର୍ଭୁକ୍ତ କରିପାରିବେ, ତେବେ ଆମେ ଖୁସି ହେବୁ ।

ସମ୍ପାଦକ

RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

**ECHO OF HIS CALL**
***Ministries***
**56th ANNIVERSARY** (1969 - 2024)

Gospel Crusades

**09.08.2024, Friday**
**10.08.2024, Saturday**
**11.08.2024, Sunday**
**Time : 6.00 P.M.**

Place:
**ECHO OF HIS CALL**
**10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.**
**98412 71858** **Please Pray!**

## OUR BANK DETAILS:

### *1. Bank : State Bank of India*

| | | |
|---|---|---|
| Branch | : | Triplicane, Chennai-5 |
| Name | : | S. Sam Selva Raj |
| A/C No. | : | 1023 2934 679 |
| IFSC | : | SBIN 00 00 249 |
| SWIFT CODE | : | SBI NIN BB 455 |

### *2. Bank : ICICI Bank*

| | | |
|---|---|---|
| Branch | : | Anna Salai, Chennai-6 |
| Name | : | Echo of His Call |
| A/C No. | : | 6038 0502 2319 |
| IFSC | : | ICIC 000 6038 |

### *3. Bank : State Bank of India*

(This Account is for Tax Exemption for Indians only )

| | | |
|---|---|---|
| Branch | : | Triplicane, Chennai-5 |
| Name | : | Echo of His Call Educational Trust |
| A/C No. | : | 1023 2923 805 |
| IFSC | : | SBIN 00 00 249 |

Google Pay: 98410 71858
PayPal : SAM SELVA RAJ
*****
E.mail : sam@echoofhiscall.org

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

## ECHO OF HIS CALL

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/24-26
Licence No. WPP. No. TN/PMG(CCR)/WPP-265/24-26
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS / 1 Patrika Channel"
on 18th JULY 2024.
If un-delivered please return to:
**ECHO OF HIS CALL (ODIA)**
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

***JESUS LOVES YOU!***

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**